ପଣ୍ଡୁଙ୍କର ମୃଗୟା ଓ ଅଗ୍ନିକା ମହାରଷିଙ୍କର ଶାପ ପ୍ରଦାନ

ସେଦିନ ପଣ୍ଡୁ ଯେ ପଶ୍ଚିମ ପ୍ରଦେଶେ
ଗହନ ବନେ ପଶିଲେ ମୃଗୟାର ରସେ । ୧ ।
ଶତଭିଷା ନକ୍ଷତ୍ରର ଭଗ୍ନ ପାଦ ବେଳେ
କର୍ମେ ଅର୍ଜି ଅଛି ଲେଖନ ଯାହା କପାଳେ । ୨ ।
ଭଗ୍ନ ପାଦ ବେଳେ ଯେ ବାହାର ହେଲେ ବନେ
ଲୋଡି ନ ପାଇଲେ ଯେ ଆହାର ଜୀବମାନେ । ୩ ।
ଅଜମିତ ବନେ ଯେ ଭବାନୀ ନାମେ ନଦୀ
ସରସ୍ୱତୀ ଧାରେ ଯେ ଦକ୍ଷିଣ ମୂର୍ତ୍ତି ଭେଦି । ୪ ।
ସେ ନଦୀର ପଶ୍ଚିମ କୋଣେ ଶରବୋଧନ ପର୍ବତ
ଗଙ୍ଗା କୂଳକୁ ସେ ଅଟଇ ଯେ ଯୁଣ ସାତ । ୫ ।
ଜୀବ ନ ପାଇଣ ମହାଶ୍ରମେ ନୃପବର
ବିଜୟେ ପଣ୍ଡୁରାୟେ ସେ ପର୍ବତ ଉପର । ୬ ।
ୟେସନେକ ସମୟେ ଯେ ହରିତା ନାମେ ମୃଗୁଣୀ
ତୃଷାୟେ ଅଇଲା ସେ ନଦୀକି ଲୋଡି ପାଣି । ୭ ।
ଅଗ୍ନିକା ମହରଷି ତା ଅନ୍ତରୀକ୍ଷେ ଦେଖି
ଧାତିକାରେ ଯାଇଂ ସେ ଧଇଲେ ମୃଗୁଣୀକି । ୮ । unnatural intercourse
ମୃଗୁଣୀର ତୁଲେ ଶୃଙ୍ଗାର କରନ୍ତି ସେ ଯତି
ଗାଢ ଆଲିଙ୍ଗନେ ସେ ଯେ ଭଜିଲା ବିମତି । ୯ ।
ଋଷିଙ୍କର ଶୃଙ୍ଗାର ସେ ଯେ ମହାଭାରା ତେଜ
ରାବେକ ଦେଲା ସେ ଯେ ଶବଦ ବିସର୍ଜ । ୧୦ ।
ପଣ୍ଡୁ ଶୁଣିଲେ ତାହା ସପତ ଯୋଜନ ଦୂରେ 7 jojan, 56 kms, sound homing arrow
ଗଣ୍ଡାର ରାବ ପ୍ରାୟେକ ତା ମଣିଲେ ଦଣ୍ଡଧରେ । ୧୧ ।
ଯୁଗତେ ପଣ୍ଡୁ ଯେ ଅଟନ୍ତି ଶବଦଭେଦୀ
ଶବଦକୁ ମହାତମା ଶହସ୍ର ଘେନି ବିନ୍ଧ । ୧୧ । ସଂଖ୍ୟା
ଶବଦକୁ ନାରାଜ ଯେ ଗଲା ଅନ୍ତରୀକ୍ଷେ
ଧାତିକାରେ ପଡିଲା ମୃଗୁଣୀ ଋଷିର ବଛେ । ୧୨ ।
ଋଷିର ପିଠି କଛେ ପଡି ହୃଦୟ ଗତେ ଗଳି
ମୃଗୁଣୀର ହୃଦଗତେ ପଡି ପିଠିକି ନିକିଳି । ୧୩ ।
ୟେକା ନାରାଜକେ ଜଡିତ ହୋଇଲେକ ବେନି
ମୃଗୁଣୀ କି ଘେନି ଢଳି ପଡିଲେ ମହାମୁନି । ୧୪ ।
ମୃଗ ପଡିଲା ବୋଲି ଧାଇଂଲେ ପଣ୍ଡୁ ନୃପ
ଦେଖିଲେ ନାରାଜ ଘାତେ ଋଷି ହତ ଦର୍ପ । ୧୫ ।
ବାଳ ପୁଞ୍ଜା ଭିଡିଣ କଷା ବସନ କାଛଟି
ଶିରେଣ ଜଟା ଭାର କ୍ଷୀଣ ତନୁ ଯେ ଭ୍ରୁକୁଟି । ୧୬ ।
ଯାମଳା ବୃକ୍ଷ ଯେହ୍ନେ ଅଟଇ ଅଭିନ୍ନ
ହରଣୀ କୋଳେ ଘେନି ଅଛନ୍ତି ମହାମୁନ୍ୟ । ୧୭ ।

------------

୩ ।୧ ଉତପାତ ବେଳେ ଯେ ବାହାର ରାଜନେ । (ପା)
୫ ।୨ ଉତ୍ସର୍ଗ ବିସ୍ତାର ସେ ଅଟଇ ଯୋଜନ ସାତ । (ପା)
୧୨ ।୧ ବଛେ-ବକ୍ଷେ-ବକ୍ଷସ୍ଥଳରେ

ଦେଖିଣ ଆଷ୍ଚର୍ଯ୍ୟ ହୋଇଲେ ମହାରାଜ
ନିର୍ଧୂମ ଅଗ୍ନି ଜାଣି ମୁନିବର ତେଜ । ୧୮ ।

ମୁଖେ ପାଣି ସିଞ୍ଚିଲେ କୁଞ୍ଜଗଳ ଆଧିପତି
ଚେତନା ପାଇ ସାଷ୍ଟାମ ହୋଇଲେ ବ୍ରହ୍ମଯତି । ୧୯ ।
ପଣ୍ଡୁ ପୁଛାକଲେ ତୁ କେବଣ ମହାତମା
ଯେତେ ମହାମୁନିକି କିଂପେ କଷ୍ଟୋର କଲା କାମା । ୨୦ ।
ଶୃଙ୍ଗାର ଆରତେ କି ନ ପାଇଲୁ ସ୍ତିରୀ
ନିର୍ଜନ ସ୍ଥାନ ଦେଖି ହରିଲୁ ମୃଗନାରୀ । ୨୧ ।
କୋପେଣ ଶାପ ଯେ ଦେଲେ ଭଗବନ୍ତ
ଶୃଙ୍ଗାର କାଳେ ମୋତେ କଲୁରେ ଶରଘାତ । ୨୨ ।
ଯୁଗତେ ପର ଶୃଙ୍ଗାର ଭାଙ୍ଗିତ ନୁଆରି
ଲିଙ୍ଗ ଭଗ୍ନ କଲେ ବ୍ରହ୍ମହତ୍ୟା ଦୋଷ ସରି । ୨୩ ।
ବିନା ଅପରାଧେ ମୈଥୁନ କାଳେ ଶରଘାତ କଲୁ ପଣ୍ଡୁ
ତୋହୋର ଶୃଙ୍ଗାର କାଳେ ଅକସ୍ମାତେ ଅକାଳ କାଣ୍ଡ ପଡୁ । ୨୪ ।
ସ୍ତିରୀ ଯୋଗେଣ ତୁ କରନ୍ତେଣ ରତି ।
ତୁକୁ ହୋଉ ରେ ମୋହୋର ପ୍ରାୟେ ଶାସ୍ତି । ୨୫ ।
ରାଗେଣ ଶାପ ବିହଇ ତପୋବନ୍ତ
ପଣ୍ଡୁ ପୁଛାକଲେ ମହାତମା ଥିର ହୋଇ କହ ତଥ୍ୟ । ୨୬ ।
ତୁ କେ ଟି ଯେମନ୍ତ ହୋଇଲୁ ପରପଞ୍ଚ
ମୃଗେଣ ମାନୁଷେ କାହିଂ ଶୃଙ୍ଗାର ହୋୟେ ସଞ୍ଚ । ୨୭ ।
ଋଷି ବୋଇଲେ ତୁ ଶୁଣ ହୋ ସୋମବଂଶୀ
ବୃହସ୍ପତି ବଂଶେ ଉତପତ୍ତି ପାଠଋଷି । ୨୮ ।
ପାଠ ଋଷିଙ୍କ ତନୁଜ ମୁନି ଅରୁଣ ତେଜ
ଯେହାଙ୍କର ନନ୍ଦନ କାକୁସ୍ଥ ମହାବୀର୍ଯ୍ୟ । ୨୯ ।
ଯେହାର ନନ୍ଦନ ମୁନି ଯେ ସତ୍ୟତପା
ତାହାଙ୍କର ନନ୍ଦନ ହୋ ବିଧୂପ ବିରୂପା । ୩୦ ।

-----------------

୨୦ ।୨ ଯେତେ ମହାମୁନି ହୋଇ ହେଲୁ ପାପକର୍ମା । (ପା)
୨୮ ।୨ ବୃହସ୍ପତି ଦଇବତେ ଉତପତ୍ତି ପାଠଋଷି । (ପା)
୨୦ ।୨ କଷ୍ଟୋର-ବିଡମ୍ବଣ, ଅନ୍ୟାୟ କାର୍ଯ୍ୟରେ ପ୍ରବର୍ତ୍ତିତ
୨୦ ।୨ କାମା-କାମଦେବ

ବିରୂପାର ନନ୍ଦନ ଜଳଦ ମହାଋଷି
ଜୀମୂତବାହନ ବୋଲି ତାହାର ଯେ ଶିଷି । ୩୧ ।
ଜୀମୂତବାହନଙ୍କର ପୁତ୍ର ଯମନିକ ଯତି
ଯମନିକର ନନ୍ଦନ ମୁନି ପ୍ରଜାପତି । ୩୨ ।
ପ୍ରଜାପତିର ନନ୍ଦନ ଅଗ୍ନିକାର ମହାଋଷି
ମୁଇଂ ସେ ଅଗ୍ନିକାର, ବାଳକାଳୁଂ ଋଷି । ୩୩ ।
ଯେତେବେଳେ ମୁଂ ଉପୁଜିଲି ମାତାର ଗରଭୁଂ
କ୍ଷୀର ପାନ ନ କଲି ବଞ୍ଚିଲି ଦିନ ସବୁ । ୩୪ ।
ଜନମ ହୁଂ ଆହାର ମୁଂ କଲଇଂ ଉପେକ୍ଷା
ଆହାର ନିଦ୍ରା ମଇଥୁନ ନ କଲଇ ବାଞ୍ଛା । ୩୫ ।
ଯେସନେକେ ବଞ୍ଚିଲି ମୋହୋର ଜନ୍ମଯାକେ
ସମସ୍ତ ଧର୍ମ ଘେନି ମୁଂ ବସିଲି ଘୋର ତପେ । ୩୬ ।
ପାଣି ପବନହୁଂ ମୋର ଆନ ନାହିଂ ଭୋଜି
ଛତ ଋତୁ ବଞ୍ଚିଲି ନିରାକାର ତଲୟେ ଭଜି । ୩୭ ।
ଯେକ ଆସନେ ମୋର ସଞ୍ଚୟେ ଚାରି ଯୁଗ

ଚାରି ଯୁଗ ପୂରିଲେ ମୋହୋର ହୁଅଇ ରାତ୍ର ଦିବା ଭୋଗ । ୩୮ ।
ଯେହିମତେଣ ବର୍ଣ୍ଣିଲି ମୁହିଂ ଯୁଗ ମନୁ ତିନି
ମୋତେ ସେ ମନୁ ଅର୍ଥ ପଚାରଇ ପଦ୍ମଯୋନି । ୩୯ ।
କାଳ ଅନୀତି ଯହୁଂ ହୋଇଲାକ କଳି
ଶରୀର ଅବସାନ କଲି ମନ ଭୋଳି । ୪୦ ।
ଯେସନେକେ ଗଲି ଆକାଶ ଭୁବନକୁ
କାଳବିକାଳ ଦେଖି ଛାଡି ପଳାଇଲେ ମୁକୁ । ୪୧ ।

----------------

୩୨-୩୩ ଜୀମୂତ ବାହାନର ପୁତ୍ର ଯମନିକ ଯତି ।
ଯମନିକର ନନ୍ଦନ ସୋଢଳ ମହାଯତି ।।
ସୋଢଳର ନନ୍ଦନ ପ୍ରଜାପତି ମହାଋଷି ।
ମୁହିଂ ତାହାଙ୍କର ଅଗ୍ନିକ ହୋଇଲି ବାଳଶିଷି ।। (ପା)

୪୦ ।୨ ଶରୀର ଅବସାନ କଲି ମତଭୋଳି ।
ଶରୀର ଅବସାନ କଲି ମହାଭୋଳି । (ପା)

ଦୂତଙ୍କର ତ୍ରାସ ଦେଖି ପଚାରଇ ନାଶକର
ମୁହିଂ ସେ ଅଭୟାରେ ତୁମ୍ଭର କାହାକଇଂ ଡର । ୪୨ ।
ବିନୟ ଭାବ ହୋଇ କହନ୍ତି ଚିତ୍ରଗୁପ୍ତ ବୀରେ
ପ୍ରଣପତ୍ୟ ହୁଅନ୍ତି କୃତାନ୍ତକର ଆଗରେ । ୪୩ ।
ଶୁଣ ଦେବ ଜନ୍ତୁନାଥ ତ୍ରୈଲୋକ୍ୟ ଆଧିପତି
ଅଗ୍ନିକାର ମହରଷି ଦେବ ସଞ୍ଜୀବନୀ ପୁରକୁ ଆସିଣ ଅଛନ୍ତି । ୪୪ ।
ଋଷିଙ୍କର ତେଜ ଦିଶଇ କାଳ ଅନଳ ତେଜ ପ୍ରାୟେ
ତ୍ରାସେଣ କିଙ୍କରଗଣେ କରୁଛୁଂ ବଡ ଭୟେ । ୪୫ ।
ମହାଯୋଗ ପୁରୁଷ ସେ ପ୍ରତକ୍ଷେଣ ବ୍ରହ୍ମଦ୍ୱିଜା
ତେଣୁ କରି ତ୍ରାସେ ପଳାଇଲୁ ଶୁଣ ଜନ୍ତୁରାଜା । ୪୬ ।
ଋଷିଙ୍କି ଦେଖିଣ ଯେ ଉଭା ଜନ୍ତୁପତି
ବିନୟ ଭକ୍ତିଭାବେ ପଚାରଇ ସଞ୍ଜୀବନୀ ଚକ୍ରବ୍ରତୀ । ୪୭ ।
ଆହୋ ଅଗ୍ନିକାର ତୁମ୍ଭେ ଯେ ମଞ୍ଚପୁରେ ଥିଲ
ଚିରନ୍ତନ କୀରତି ତୁମ୍ଭେ କିସ କିସ ରୁହାଇଲ । ୪୮ ।
ବଦୟନ୍ତି ମହାତମା କଲୁ ଅନେକ ଧର୍ମ
ଯହୁଂ ସେ ବ୍ରାହ୍ମଣମାନଙ୍କର ନିତ୍ୟକର୍ମ । ୪୯ ।
ଅନେକ ଯାଗ ଯଗ୍ୟ କଲୁ ରାଜାର ନିମନ୍ତେ
ଖଣ୍ଡିଲୁ ମହାପାତେକ ଆପାଦ ଶାନ୍ତି ଅର୍ଥେ । ୫୦ ।
ମେଘେ ଅନାବୃଷ୍ଟି କରନ୍ତି ଯେବଣ କାଳେ
କୋଟି ହୋମ କରାଇ ବୃଷ୍ଟି କଲୁ ମଞ୍ଚସ୍ଥଳେ । ୫୧ ।
ଋଷିଙ୍କର ବଚନେ ବଦୟନ୍ତି ନାଶକର ଜନ୍ତୁପତି
ତୁମ୍ଭର ବଂଶକୁ କାରଣ ଅଛନ୍ତି କି ସନ୍ତତି । ୫୨ ।

--------------

୪୨ ।୨ ମୋହୋର ଥାଉଂ ରେ ତୁମ୍ଭଙ୍କୁ କାହାକଇ ଡର । (ପା)
୪୯ ।୨ ମହାତପେ ଆବୋରିଲୁ ମହାଯୋଗ ବ୍ରହ୍ମ । (ପା)
୪୯ ବଦୟନ୍ତି ମହାତମା କଲୁ ଅନେକ କର୍ମ
ତେଣୁ ସେ ବ୍ରାହ୍ମଣମାନଙ୍କର ବିଦିତ ଧର୍ମ । (ପା)
୪୭ ।୨ ଚକ୍ରବ୍ରତୀ-ଚକ୍ରବର୍ତ୍ତୀ-ରାଜା

ଋଷି ବୋଇଲେ ଆମ୍ଭେ ହୋ ଦାରା ସଂଘରିଲୁ

ଅପାର କାଳ ପରିଯନ୍ତେ ଶୃଙ୍ଗାର ଲେଛିଲୁ । ୫୩ ।
ଅଣଦୋଷୀ ମହାତମା ନୁଆରିଲା ଦୋଷ ବାଛି
ବିଚାରଇ ନାଶକର ଯେଥେଂ ଶାସ୍ତି ଅଛି । ୫୪ ।
ଯେତେ ଭିଗ୍ୟ ମହାତମା ହୋଇ କିଂପେ କଲୁ ଯେତେ କୃତ୍ୟ
ସନ୍ତାନ ନ ଥିଲେ ସକଳ ଧର୍ମ ଅଟଇ ବିଅର୍ଥ । ୫୫ ।
ସନ୍ତାନ ଉପୁଜାଇଂ ସେ ନାନା ଧର୍ମ କର୍ମ କରି
ତୃତୀୟ ବୟସେ ଯେ ହୋଇ ତପଚାରୀ । ୫୬ ।
ସନ୍ତାନ ବିହୁନେ ସକଳ ଧର୍ମ ଦୂର କରି
ପରମ ପଣ୍ଡିତ ପୁରୁଷ ହୋଇ ତୁ ଯେହା କିଂପେ ନ ବିଚାରି । ୫୭ ।
ଯମର ବଚନେ ବଦୟନ୍ତି ମହାମୁନି
ଚତୁର୍ଥ ବୟସେ ଶୃଙ୍ଗାର ଇଛିଲୁ କନ୍ୟାୟେ ପ୍ରଦାନୀ । ୫୮ ।
ତାହାର ତୁଲେ ଅନେକ କଲୁ ଯେ ରମଣ
ଯେତେ ଶୃଙ୍ଗାରଟି ସମସ୍ତ ହୋଇଲା ଅକାରଣ । ୫୯ ।
ନାଶକର ବୋଇଲେ ତୁ ଯେ ଗ୍ୟାନେଣ ଉତ୍ତମ
କୁସ୍ଥାନେ ପଡିଲେ ମହାତ୍ମା ନାଶ ଯାଇ ସକଳ ଯେ ଧର୍ମ । ୬୦ ।
ସେ ଭାରିଯାର ତହିଂ ଯେବେ ନ ଉପୁଜିଲା ସନ୍ତତି
ଅନ୍ୟ କନ୍ୟାୟେ କିଂପାଇଂ ପ୍ରଦାନ ନୋହିଲୁ ମହାଯତି । ୬୧ ।
ଋଷି ପ୍ରତିବାଚ ଆମ୍ଭେ ହୋଇଲୁ ପଞ୍ଚ ବିଭା
କାହାରି ତହିଂ ପୁତ୍ର ନୋହିଲା ରେ ବାବା । ୬୨ ।
ନାଶକର ବୋଇଲା ଯେବେ ସନ୍ତାନ ନୋହିଲା ଯେତେ ମତେ
ବୀର୍ଯ୍ୟ ତରଳ ହୋଇଲା ୟେ ଚତୁର୍ଥ ବୟସ ଅନ୍ତେ । ୬୩ । semen content
ପଞ୍ଚଦଶ ପରିଯନ୍ତେ ବାଳୁତ ହୋଇଥାଇଂ
ବିଂଶ ପଞ୍ଚ ବରଷେ ଶୃଙ୍ଗାର ଇଛଇ । ୬୪ ।
ନାନା ସୁନ୍ଦର ହୋଇଥାଇଂ ପଞ୍ଚତିରିଶ ବରଷ ପରିଯନ୍ତେ
ମହାମତ୍ତ ହୋଇଥାଇ କାହିଂ ନ ଲେଖଇ ଦର୍ପ ଅର୍ଥେ । ୬୫ ।
----------
୬୦ ।୨ କୁସ୍ଥାନେ ରହିଲେ ମହାତ୍ମା ନୁହଇ ଟି ପୁଣ୍ୟ । (ପା)
୫୩ ।୧ ସଂଘରିଲୁ-ସଂହରିଲୁ-ତ୍ୟାଗକଲୁ

ପଞ୍ଚତିରିଶ ବରଷ ଉତ୍ତାରେ ଛାଡଇ ସେ ସେମାନ
ବିଚକ୍ଷଣ ବୁଦ୍ଧି ଦିଶଇ ଇଛଇ ସନ୍ତାନମାନ । ୬୬ ।
ଚାଳିଶ ବରଷ ଯହୁଂ ହୋଅଇ ବୟସ
ତରୁଣ ବୁଦ୍ଧି ଆସି ହୋଅଇ ପ୍ରକାଶ । ୬୭ ।
ଧନ ସନ୍ତାନ ଇଛଇ ଆପଣେ ଆପେ ପୁଣି
ଦେବତା ବ୍ରାହ୍ମଣେ ଭଗତି ମାତା ପିତା ଜାଣି । ୬୮ ।
ଚାଳିଶ ଯାଇଣ ଯେ ପଞ୍ଚାଶ ବରଷ ପ୍ରବେଶ
ବୀର୍ଯ୍ୟ ପତନ ହୋଅଇ ନିଜ ତନୁ ଆଳସ୍ୟ । ୬୯ ।
ଷାଠିୟେ ବରଷ ହୋଅନ୍ତେଣ ପ୍ରାଣୀ
କାମ ଚନ୍ଦ୍ର ଛାଡଇ ସେ ରହଇ ଠାବ ଜାଣି । ୭୦ ।
ସତୁରି ବରଷ ହୋଇଲେ ହୋଅଇ ମତି ଭୋଳା
ବୀର୍ଯ୍ୟ ନାଶ ଗଲା ହୋ ତହିଂ ନାହିଂ କାମକଳା । ୭୧ ।
ଅଶୀ ବରଷ ହୋଇଲେ ଚିତ୍ତ ଭ୍ରମଇ ଯେ ସବୁ
ତହିଂ ସନ୍ତତି ଲୋଡିଲେ ଆଉ କାହିଂ ସେ ପାଇବୁ । ୭୨ । age
ଅପରାପର ନ ଚିହ୍ନଇ ନଉ ଯେ ବରଷେ

କୁଟୁମ୍ବେ ଭ୍ରାନ୍ତି କରଇ ସୋଦର ନ ଚିହ୍ନଇ ପାଶେ । ୭୩ ।
ଶତେ ବରଷେ ହୋଇଲେ ହୋଅଇ ବାଳଭୋଳା
ସେ ପ୍ରାଣୀଙ୍କର ଲୋଡିଲେ ଆଉ କାହିଂ ରତି ମେଳା । ୭୪ । age
ଶୁଣ ହୋ ଅଗ୍ନିକାର କହଇ ମୁହିଂ ତୁକୁ
ଯେ ମାୟା ପଟଳ ଅଟଇ ଯେ ଯେ କଳି ଯୁଗକୁ । ୭୫ ।
ମହାତ୍ମା ପୁରୁଷ ହୋଇ ନ ପାରିଲୁ ତଥ୍ୟ ଜାଣି
ଅଦଉତିରେ ବନ୍ଧନ ହୋଇ ନାଶ ଗଲେ ସର୍ବପ୍ରାଣୀ । ୭୬ ।
ମଧ୍ୟପୁରେ ଉତପତ୍ତି ହୋଇଲେ ସନ୍ତାନ ହିଂ ସେ ମୂଳ
ସନ୍ତାନ ନ ଥିଲେ ସମସ୍ତ ଧର୍ମ ହିଂ ନିଷ୍ଫଳ । ୭୭ ।
ତୁମ୍ଭେ ସେ ଭିଆଇଲ ଯେହା ଆଦି ଅନ୍ତ କରି
ମୋହୋର ହାଥେ ଦିଲ ତ୍ରିଗୁଣ ଦଉଡି । ୭୮ ।
ଯୁଗତେଣ ପୁତ୍ର ଜାତ ନୋହିଲା ମହରଷି
ହଠକର୍ମ ଶାହାସ୍ରେ କିଂପେ ନୁଆରିଲ ପଶି । ୭୯ ।
-----------
୭୪ ।୨   ସେ ପ୍ରାଣୀ ତହିଂ ଆଉ ନାହିଂ କାମକଳା । (ପା)

ଷଟ କର୍ମ ଶାହାସ୍ରେ ଯେ ଭିଆଇଲେ ବିଶ୍ୱାମିତ୍ରେ
ଯେକ ଭାରିଯାରେ ପୁତ୍ର ନ ଉପୁଜିଲେ ଭିଆଇବ ଛଡ ଅର୍ଥେ । ୮୦ ।
ମୁକୁଇ ଆସି ବୋଇଲେ ଶୁଣସି ରେ ଯମ
ଛଡ କର୍ମେ ଉପୁଜାଇଲେ ଦେବୁ ତାକୁ ମୋକ୍ଷ କର୍ମ । ୮୧ ।
ବିଭାଇ ଭାରିଯାରେ ଯେବେ ନ ଉପୁଜିବ ସନ୍ତତି
ପରର ଫଳିଲା ସ୍ତିରୀ ଯେବେ ହୁଅଇ ରଜବତୀ । ୮୨ ।
ଦୂତିକା ପେଷିଣ ତାହା ତହିଂ ଧନ ଦେଇ
ପାକାଶୁଦ୍ଧ ସ୍ନାନ ଦିନେ ପର ତୁଲେ ଶୃଙ୍ଗାର କରାଇ । ୮୩ ।     issueless to get issue
ତହିଂ ମହାତମା ଯେବେ ନ ଉପୁଜଇ ସନ୍ତାନ
ଯାହାର ବୃତ୍ତି ନାହିଂ ସେ ଭୂମି କିଣି ଉପୁଜାଇବ ଶସ୍ୟମାନ । ୮୪ ।
ସେ ଶସ୍ୟ ଭୋଗ କରିବ ନାହିଂକି ସେ ପ୍ରାଣୀ
ବିଶ୍ୱାମିତ୍ରଙ୍କ ଶାହାସ୍ରେ ଯେସନେକ ପରମାଣି । ୮୫ ।
ତେଣେ ହେଂ କାରଣ ନା ହୁଅନ୍ତା ତୁମ୍ଭଙ୍କୁ
ଅଳପେ ବୁଦ୍ଧି ହୋଅନ୍ତା ନା ମୋତେ ଜିଣିବାକୁ । ୮୬ ।
ଅଗ୍ନିକାର ଋଷି ବୋଇଲେ ତାହିଂ ଅପାର ଆମ୍ଭେ କଲୁ
ତେମନ୍ତେହେଂ ପୁତ୍ର ଜାତ କରି ତ ନୁଆରିଲୁ । ୮୭ ।
ତାହା ଶୁଣି ବିରସ ଯେ ହୋଇଲେ ଜନ୍ତୁ ଈଶ
ଯେତେ ବଡ ମହାତମା ହୋଇଲୁ ନର୍କ ବାସ । ୮୮ ।
ଆରେକ ଉପାୟେ କି କରି ନ ପାରିଲୁ ମହାମୁନ୍ୟେ
ଧନ ଦେଇ ପୋଷି ନୁଆରିଲୁ କି ପରର ନନ୍ଦନେ । ୮୯ ।
ତାହାକୁ ବିଭାକଲେ ଧର୍ମ ପାଞ୍ଚ ଭାଗ ହୁଅନ୍ତା
ଭାଗେ ତୁମ୍ଭଙ୍କୁ ଚତୁର୍ଥ ଭାଗ ପିତାଙ୍କୁ ଲାଗନ୍ତା । ୯୦ ।
ତେଣେ ହେଂ କାରଣ ହୁଅନ୍ତା ତୁମ୍ଭଙ୍କୁ
ବଂଶକୁ କାରଣ ହୁଅନ୍ତା ସଂକେତ କରିବାକୁ । ୯୧ ।
ତୁମ୍ଭେ କି ନ ଜାଣ ମୁଂ କିସ କହିବଇଂ ତୁମ୍ଭଙ୍କୁ । ୯୨ ।
ଋଷି ବୋଇଲେ ହୋ ତାହାହିଂ ଆମ୍ଭେ କଲୁ
ଧନ ଦେଇ ପୁତ୍ରେକ ଅତି ଯତ୍ନେଣ ପୋଷିଲୁ । ୯୩ ।
-------------

୯୧ ।୨ ବଂଶକୁ ଥାଆନ୍ତା ନା ମୁକତ କରିବାକୁ । (ପା)
ବଂଶକୁ ତୁମୃର ଥାଆନ୍ତା ନାମ ସଂକେତ କରିବାକୁ । (ପା)

ୟେସନେକ ଆମୃର କର୍ମେ ଅଛି ଅରଜିଲା
ବିଭାକାଳେ ସେ ପୁତ୍ର ହିଂ ପଡି ନାଶ ଗଲା । ୯୪ ।
ଋଷିଙ୍କର ବଚନେ ବିଷାଦ ନାଶକର
କାଳ ବିକାଳକୁ ରାଇଣ ବୋଇଲେ ଜନ୍ତୁଙ୍କ ଈଶ୍ୱର । ୯୫ ।
ଆହୋ ପୁତ୍ର ଦୋହିତା ଯେବେ ୟେହାର ମଞ୍ଚେ ନାହିଂ
କୁମ୍ଭୀପାକ ନରକେ ପକାଅ ୟେହାଙ୍କୁ ରେ ନେଇ । ୯୬ ।
ଯମର ବଚନ ଶୁଣି କାଳ ଯେ ବିକାଳ
କୋପାନଳ ହୋଇ ଧଇଲେ ସେ ଅଗ୍ନିକାର ଋଷିଙ୍କର ବାଳ । ୯୭ ।
ଋଷିଙ୍କର ଅବସ୍ଥା ଯେ ଦେଖିଲେ ଧର୍ମଲୋକେ
ଆରେ ରହ ରହ ବୋଲିଣ ଉଚ୍ଚ ସ୍ୱରେ ଦେଲେ ଡାକେ । ୯୮ ।
ଋଷିଙ୍କର କେଶ ଛଡାଇଲେ ଆସି ପ୍ରସନ୍ନେ ନିରାକାରେ
ଆହୋ ନାଶକର ଆମୃଙ୍କୁ ଦେବୁ କି ଉପୁଗାରେ । ୯୯ ।
ୟେ ପଣ୍ଡିତ ମହାମୁନି ଅଟଇ କଳ୍ପ ଋଷି
ବେଳକ ମହାତମା ୟେହାକୁ ଉପୁଗାର କରସି । ୧୦୦ ।
ଆରେକ ଜନ୍ମ ଗୋଟି ୟେବେ ଛାଡସି ୟେହାଙ୍କୁ
ମଞ୍ଚପୁରେ ପୁତ୍ର ଜାତ କରି ୟେ ଆସନ୍ତୁ ସ୍ୱର୍ଗକୁ । ୧୦୧ ।
ଯମର ଆଗ୍ୟାଂୟେ ଯେ ଶାସ୍ତି ଦେଉଥିଲେ
ଧର୍ମ ଆତ୍ମା ଲୋକେ ତାହାଙ୍କୁ ଶାନ୍ତି କରାଇଲେ । ୧୦୨ ।
ନାଶକର ଦେବତା ପ୍ରତିବାଚ ଯାଅ ମଧ୍ୟ ସ୍ୱର୍ଗେ
ପୁତ୍ର ଜାତ କରି ମହାତ୍ମା ହୋ ଆସସି ତୁହି ବେଗେ । ୧୦୩ ।
ବନ୍ଧନୁଂ ପଳାଇ ଆସନ୍ତି ବ୍ରହ୍ମଋଷି
ଚିତ୍ରଗୁପତେ ତିଆରନ୍ତି ମୁନିଙ୍କି ଗୋଡାଇ ବେଗେ ଆସି । ୧୦୪ ।
ଜପତପମାନ ତୁମୃର ଛାଡ ହୋ ମହଋଷି
ସମସ୍ତ ତେଜ୍ୟା କରି ମୁନି ହେ ସନ୍ତାନ ଜାତ କରସି । ୧୦୫ ।
-------------
୯୪ ।୨ ବିଭା କରାଇଲୁ ବାବୁ ସେ ପୁତ୍ର ପଡି ମଲା । (ପା)
୯୫ ।୨ ଚଣ୍ଡ ପ୍ରଚଣ୍ଡକୁ ବୋଇଲେ କାଳଦଣ୍ଡ ଧର । (ପା)
୯୮ ।୧ ଋଷିଙ୍କର ବିକଳ ଦେଖିଣ ଧର୍ମଲୋକେ । (ପା)
୯୬ ।୧ ଦୋହିତା-ଦୁହିତା-ଝିଅ
୯୯ ।୧ ନିରାକାର-ସ୍ୱର୍ଗବାସୀ ଅର୍ଥରେ-ସ୍ୱର୍ଗସ୍ଥ ଧର୍ମବନ୍ତ ପୁରୁଷ

ବଦୟନ୍ତି ମୁନିବର ଶୁଣ ହୋ ପଣ୍ଡୁରାୟେ
ୟେସନେକ ଗତି ମୋତେ ହୋଇଲା ଯମର ସଭାୟେ । ୧୦୬ ।
ଧର୍ମେଣ ଅଇଲି ମୁଂ କୁଟୁମ୍ବ ଜାତ ଅର୍ଥେ
ବିଶ୍ରମି ଭାଳି ବସିଲି ମୁଂ ବିଝଂଗିରି ପରବତେ । ୧୦୭ ।
ମନୁଷ୍ୟେ ଶୃଙ୍ଗାର ମୁଂ କଲଇଂ ଅପ୍ରମିତ
ଅନେକ ବାଗେଣ ପୁତ୍ର କୁଟୁମ୍ବ ନୋହିଲାକ ଜାତ । ୧୦୮ ।
ୟେସନେକ ସମୟେ ହରିତା ନାମେ ମୃଗୁଣୀ
ଶୋଷରେ ଅଇଲା ସେ ଆହାର କରି ପାଣି । ୧୦୯ ।
ୟେ ମୃଗୁଣୀ ହାଦେ ଅଟଇ ପବିତ୍ର ଜୀବ
ୟେହାର ଚର୍ମ ଆସନ କରନ୍ତି ସଦାଶିବ । ୧୧୦ ।
ୟେଣୁ ସେ ଶୃଙ୍ଗାର କଲଇ ମୁଂ ଇଛା

ସନ୍ତାନ ଜାତ ଅର୍ଥେ କଳ୍ପିଲା ମନବାଞ୍ଛା । ୧୧୧ ।
ପାଣି ଆହାର କରି ଲେଉଟନ୍ତେ ମୃଗୁଣୀ
ଆକ୍ରେଷି ଧଇଲି ମୁଂ ବେଷ୍ଟକାର ଭାବ ଜାଣି । ୧୧୨ ।
ଶୃଙ୍ଗାର ଇଛନ୍ତେ ସନ୍ତାନ ଜାତ ଅର୍ଥେ
ବେନିଜନ ନାଶ ଗଲୁ ତୋହୋର ଶରଘାତେ । ୧୧୩ ।
-------------
୧୦୭ ।୨ବିସ୍ମୟେ ବସି ଭାଳିଲି ନିର୍ଝର ଗିରି ପରବତେ । (ପା)
୧୧୦ ।୨ଯେହାରେ ବାହାନ କରନ୍ତି ପବନ ଦେବ । (ପା)
୧୧୨ ।୨ଆକ୍ରେଷି ଧଇଲି ମୁଂ ବେଷ୍ଟକାର ଭାବ ଜାଣି । ପାଦାନ୍ତ ପରେ ଅଧିକା ପାଠ-
ଶୃଙ୍ଗାର ଇଚ୍ଛିଲୁ ସେ ସନ୍ତାନ ଜାତ ଅର୍ଥେ
ନାଶକର ବଚନ ଯେ ଧରି ହୃଦଗତେ ।
ଆକ୍ରେଷି ଧରନ୍ତେ ଡାକ ଦେଲା ଯେ ମୃଗୁଣୀ
ବଳାତ୍କାର ମୋତେ କଲା ହୋ ମହାମୁନି ।
ମୃଗର ଡାକନ୍ତେ ଶୁଣିଲୁ ପଣ୍ଡୁ ରାୟେ ।
ନାରାଜେକ ଧରି ବିନ୍ଧିଲୁ ମୋର କାୟେ ।।
ନାରାଜ ଛାଡନ୍ତେ ଉପରେ ମୋର ପଡି
ମୃଗୁଣୀ ସଂଗତରେ ହୋଇଲୁ ବେଗେ ଜଡି ।।
ଯେମନ୍ତେରେ ରାଜା ଯେ ଋଷିଙ୍କ ଅଗ୍ରତେ
ବେନି କୁଳ ନାଶ କଲୁ ତୋହୋର ଶରଘାତେ ।
୧୦୭ ।୨ବିଶ୍ରମି-ଟିକିଏ ସ୍ଥିର ହୋଇ ।

ତୁ ମହାରାଜା ପଞ୍ଚୁ କଟକେ ଆଧିପତି
ନାରାଜ କାଢ ମହାତମା ହୋ ପାଇଲୁ ନି ବଡ ଶାସ୍ତି । ୧୧୪ ।
ଋଷିର ବଚନେ ଯେ ଧଇଲେ ନାରାଜ
ବାମକର ପିଠିରେ ଦେଇ ମାଡିଲା ମହାରାଜ । ୧୧୫ ।
ନାରାଜ କାଢଇ ସେ ଗାଢେଣ ଉଷ୍ଣୁଡି
ପ୍ରାଣତ୍ୟାଗ ହୋଇଲା ମହାତମା ଭୂମିରେଣ ପଡି । ୧୧୬ ।
ହରିତା ମୃଗୁଣୀ ଆବର ଅଗ୍ନିକାର ମହାଋଷି
ବୀର୍ଯ୍ୟ ପତନେ ହୋଇଲା ମୃଗୁଣୀ ଗର୍ଭବାସୀ । ୧୧୭ ।
ଦୁହିଙ୍କର ଆତ୍ମା ଅବସାନ କାଳେ
ଗର୍ଭରୁ ପୁତ୍ରେକ ଯେ ପଡିଲା ମହୀ ତଳେ । ୧୧୮ ।
ମୃଗର ଶରୀର ତାହାର ମଣିଷର ମୁଣ୍ଡ ଗୋଟି
ସେ ପୁତ୍ର ଦେଖିଣ ପ୍ରାଣ ଛାଡିଲେ ତପନିଷ୍ଠି । ୧୧୯ ।
କୃତାନ୍ତକ ଦେଖି କଲେ ଅନେକ ଯେ ପୂଜା
ସ୍ୱର୍ଗ ଆସ୍ଥାନେ ବସାଇଲେ ନେଇଣ ବିଡୋଜା । ୧୨୦ ।
ଯେବଣ ପୁତ୍ର ହାଦେ ଜାତ ହୋଇଲା ଋଷିଙ୍କର ବୀର୍ଯ୍ୟେ
କୋଳେଣ ଧଇଲେ ତାହା ପଣ୍ଡୁ ମହାରାଜେ । ୧୨୧ ।
ଆକାଶ ବାଣୀ ପଡିଲା ପଣ୍ଡୁ ମହାରାଜାଙ୍କୁ
ମୃଗଋଷି ବୋଲି ନାମ ଦିଅ ସେ ପୁତ୍ରକୁ । ୧୨୨ ।
ଶୁଖିଲା କାଠ କୁଢାଇ ଚିତା ଆରୋପଣ
ଋଷି ମୃଗୁଣୀ ଦୁହିଙ୍କି ଦହନ କଲେକ ଆପଣ । ୧୨୩ ।
ମୃଗୟା କୁମର ଘେନିଗଲେ ଶତଶିଂଗ ପର୍ବତେ
ବେନି ଭାରିଯାଙ୍କ ମୁଖ ନ ଚାହିଂଲେ ବ୍ରହ୍ମହତ୍ୟା ଦୋଷ ନିମନ୍ତେ । ୧୨୪ ।
----------
୧୧୪ ।୨ଶହସ୍ର କାଢ ବାବୁ ଦେହ ହେଉ ଶାନ୍ତି । (ପା)

୧୨୨ ।୨ମୃଗୟା ଋଷି ବୋଲି ନାମ ଦିଅ ସେ ପୁତ୍ରକୁ । (ପା)

୧୧୬ ।୧ଉକ୍ଷୁତି-ଉଚ୍ଛୁତି, ବଳପୂର୍ବକ ଆକର୍ଷଣ କରିବା-ବଳରେ ଟାଣିବା- ଉତ୍+ସୃ+ଣିଚ-ଉତ୍ସାରଣ କରିବା- ଟାଣି ବାହାର କରିବା ।

୧୨୦ ।୨ବିଡୋଜା-ଇନ୍ଦ୍ର

କୋଇନ୍ତାୟେ ପଚାରିଲେ ଶୁଣ ସ୍ୱାମୀ ମହାଗ୍ୟାଂତା
ଧାର୍ମିକ ବିବେକ ପଣ୍ଡିତ ସତ୍ୟବ୍ରତା । ୧୨୫ ।
ହେଠ ମାଥ ହୋଇ ସ୍ୱାମୀ କଥା କିଂପେ ଯେ ନ କହୁ
କେବଣ ଦ୍ରୋହ କଲୁ ଆମ୍ଭର ବଦନ ନ ଚାହୁଂ । ୧୨୬ ।
ପଣ୍ଡୁ ବୋଇଲେ ତୁମ୍ଭେ ଅଟ ମହାଗ୍ୟାନୀ
ବେନି ବଂଶେ ଉତପତ୍ତି ତୁମ୍ଭେ ମହାବ୍ରହ୍ମ ଘେନି । ୧୨୭ ।
ମୁହିଂ ମହାପାତକ କଲି ଶୁଣସି ଗୋ କୋଇନ୍ତା
ମୃଗୟା ବିନୋଦେ ହାଦେ ମୁହିଂ କଲି ବ୍ରହ୍ମହତ୍ୟା । ୧୨୮ ।
ଅଗ୍ନିକାର ମହାଋଷିଙ୍କି ମାଇଲି ଶୃଙ୍ଗାର କାଳେ
କୋପେଣ ମହାତ୍ମା ମୋତେ ଶାପ ଦିଲେ ପ୍ରାଣ ତ୍ୟାଗ ବେଳେ । ୧୨୯ ।
ଶୃଙ୍ଗାର କାଳେ ଅଦୋଷେ ନାରାଜ କଲୁ ପଣ୍ଡୁ
ତୋହୋର ଶୃଙ୍ଗାର କାଳେ ଅକାଳ କାଣ୍ଡ ପଡୁ । ୧୩୦ ।
ୟେତେ ହତ୍ୟା କଲି ଶୁଣ ଗୋ ଭୋଜର କୁମାରୀ
ତେଣୁ ସେ ବିରସ ହୋଇ ବୁଲଇ ଦିଗାମ୍ବରୀ । ୧୩୧ ।
କୋଇନ୍ତାୟେ ବୋଇଲେ ତୁମ୍ଭେ ଶୁଣ ଗୋ ପ୍ରାଣନାହା
ଦଇବ କୃତ ଲେଖନ ସ୍ୱାମୀ କରିଅଛି ଯାହା । ୧୩୨ ।
ଆପଣେ ଯାହା କରି ସ୍ୱାମୀ କର୍ମ ତାକୁ ବୋଲି
ତୁମ୍ଭର କିସ ଗଲା ସ୍ୱାମୀ ମୁହିଂ ହାଦେ ନାଶ ଗଲି । ୧୩୩ ।
ୟେ ପୁତ୍ର ଗୋଟି ସ୍ୱାମୀ ଅଟଇ କାହାର
ପଣ୍ଡୁ ବୋଇଲେ ୟେ ଅଗ୍ନିକାର ମହାଋଷିଙ୍କର । ୧୩୪ ।
ମୃଗ ମହଋଷି ବୋଲି ୟେ ପୁତ୍ରର ନାମ ଗୋଟି
ଅବସାନ କାଳେ ମୋତେ ସମର୍ପିଲେ ତପନିଷ୍ଠି । ୧୩୫ ।
କୋଇନ୍ତାୟେ ବୋଇଲେ ତୁମ୍ଭେ ଶୁଣ ପ୍ରାଣନାଥ
ଅଗ୍ନିକାର ବୋଲି ସେ କେବଣ ଭଗବନ୍ତ । ୧୩୬ ।

-------------

୧୨୫ ।୨ଧାର୍ମିକ ବିବେକ ପଣ୍ଡିତ ଶକତା । (ପା)

୧୩୨ ।୨ଦଇବ ଲେଖନ କେ ଆନ କରି ତାହା । (ପା)

୧୩୧ ।୨ଦିଗାମ୍ବରୀ-ଦିଗମ୍ବର ଅର୍ଥେ-ସନ୍ନ୍ୟାସୀ-ଜୈନ ସନ୍ନ୍ୟାସୀ ରୂପେ-ନିଷ୍କାମହୋଇ

ୟେତେବଡ ମହାଋଷି ହୋଇ କର୍ମ ନ ଆଦରିଲା
କୋପ ନ ସଂଘରି ତୋତେ ଲେଉଟି ଶାପ ଦିଲା । ୧୩୭ ।
ଧୃତରାଷ୍ଟ୍ରଙ୍କୁ ରାଜ୍ୟ ସମର୍ପିଲୁ ଧର୍ମ ଅର୍ଥେ
ଧର୍ମ ଝିଘାଂସ ଆସି ତୋତେ ହୋଇଲା ଯଥା ଅର୍ଥେ । ୧୩୮ ।
କର୍ମକୁ ଆଦରି ଯେ ରହିଲେ ଘୋର ବନେ
ତହୁଂ ମୃଗୟା ନ ଯାଇ ପଣ୍ଡୁ ଯେ ରାଜନେ । ୧୩୯ ।
ବ୍ୟାସଙ୍କୁ ସୁମରଣା କଲେ ପଣ୍ଡୁ ଯେ ନୃପତି
ମହା ବ୍ରହ୍ମଋଷି ଆସି ମିଳିଲେ ତତକ୍ଷଣାନ୍ତି । ୧୪୦ ।
ସଂଗତେଣ ଅଛନ୍ତି ଷାଠିୟେ ସହସ୍ର ଶିଷି number
ଶତଶିଂଗ ପର୍ବତେ ମିଳିଲେ ବ୍ୟାସ ମହଋଷି । ୧୪୧ । ସଂଖ୍ୟା

ବଧୂନ୍ତ ଘେନି ପ୍ରଣପତ୍ୟ ହୋଇଲାକ ପଣ୍ଡୁ
ବ୍ୟାସ କଲ୍ୟାଣ କଲେ ତୋତେ ବନସ୍ତେ ପ୍ରମାଦ ନ ପଡୁ । ୧୪୨ ।
ଆସନ ପାଦାସନ ଦେଇ ପଣ୍ଡୁ ରାୟେ
ମସ୍ତକେ କର ଦେଇ ପୁଣ ପୁଣ ବିନୟେ । ୧୪୩ ।
ଶ୍ରୀବ୍ୟାସେ ଆଗ୍ୟାଂ ଦିଲେ ଶୁଣ ରେ ନନ୍ଦନ
କେମନ୍ତେ ବନେ ପଶିଲୁ କିସ ଅଭିମାନ । ୧୪୪ ।
ଇନ୍ଦ୍ର ପ୍ରଶସ୍ତ ରାଜ୍ୟ ବାବୁ ଛାଡିଲୁ କେମନ୍ତେ
ପଣ୍ଡୁ ବୋଇଲେ ଭୋ ତାତ ଧୃତରାଷ୍ଟଙ୍କ ନିମନ୍ତେ । ୧୪୫ ।
ଅନ୍ଧ ହୋଇଣ ସେ ରାଜପଦକୁ କଲେ ଇଚ୍ଛା
ମୁହିଂ ବୋଇଲି ହୋ ଭ୍ରାଥ ଭୋଗ କର ମନବାଞ୍ଛା । ୧୪୬ ।
ଧୃତରାଷ୍ଟଙ୍କୁ ରାଜ୍ୟ ଦେଇ ଭୋ ତାତ ପଶିଲି ଘୋର ବନେ
ଅନୁବ୍ରତେ ବଞ୍ଚଇ ଅଟବ୍ୟା ଗହନେ । ୧୪୭ ।
ମାରଇ କଉଣପ ରଖଇ ତପି ଜନେ
ଅନୁବ୍ରତେ ଭ୍ରମଇଂ ମୁଂ ଖଟଇ କଟକ ପଞ୍ଚୁସ୍ଥାନେ । ୧୪୮ ।
ବଦୟନ୍ତି ବ୍ୟାସେ ତୁ ହୋ ସାଧୁ ସହୋଦର
ଧୃତରାଷ୍ଟଙ୍କୁ ରାଜ୍ୟ ଦେଇ ଅବସ୍ଥା ପାଉ ବନସ୍ତର । ୧୪୯ ।
-----------
୧୩୭ ।୧ତେତେ ବଡ ମହରଷି ୟେତେ ୟେତେ କର୍ମ ଆଚରିଲେ । (ପା)
୧୪୫ ।୨ପଣ୍ଡୁ ବୋଇଲେ ୟେହା ବିହିଲେ ଧୃତରାଷ୍ଟ ଭ୍ରାଥେ । (ପା)
୧୩୭ ।୨ସଂଘରି-ସଂହରି-ତ୍ୟାଗ କରି

ପଣ୍ଡୁ ବୋଇଲେ ମୁନି ହେ ଶୁଣିମା ମୋର କଷ୍ଟ
ଅଗ୍ନିକାର ମହାରଷିଙ୍କି ମୁଂ କଲଇ ପ୍ରାଣେ ଭ୍ରଷ୍ଟ । ୧୫୦ ।
ବ୍ରହ୍ମହତ୍ୟା ଦୋଷ ମୁଂ ବସାଇଲି ମୋର କାୟେ
ଭୋ ବ୍ରହ୍ମରଷି ମୋତେ କହିବା ଯେଣେ ପାତେକ ହେବ କ୍ଷୟେ । ୧୫୧ ।
ସୁବର୍ଣ୍ଣର ସିଂହାସନେ ବିଜେକଲେ ବ୍ୟାସେ
ବ୍ୟାସଙ୍କର ଛାମୁରେ ଉଭା ସର୍ବ ଶିଷ୍ୟେ । ୧୫୨ ।
ରତ୍ନ ଝରିରେ ନୀର ଘେନି ମୁନି ପାଦ ପଖାଳିଲେ ନୃପତି
ଅନେକ ପୂଜା କଲେ ବିନୟ ଭଗତି । ୧୫୩ ।
ବ୍ୟାସେ ବୋଇଲେ ତୁ ହୋ ନ ଭାଳ ନୃପମଣି
ଅଗ୍ନିକାର ମହାରଷିଙ୍କି ଶରଘାତ କଲୁ ତୁ ନ ଜାଣି । ୧୫୪ ।
ଅଗ୍ୟାନୀ ଲୋକର ହୋ ବହୁତ ଦୋଷ ଯେ ନ ଥାଇ
ବ୍ୟାସେ ପଣ୍ଡୁକୁ ଶାନ୍ତି କରାନ୍ତି ଧର୍ମଶାସ୍ତ୍ର କଥା କହି । ୧୫୫ ।
ଅଗ୍ନିକାର ମହାରଷି ଅର୍ଜିଲା ୟେ କିରତି
ପୂର୍ବର ନିର୍ମିଲା ତାର କପାଳ ଘଟସୂତ୍ରି । ୧୫୬ ।
ପଣ୍ଡୁ ବୋଇଲେ ବ୍ରହ୍ମବେତ୍ତା ମୁନି ଭୂତ ଭବିଷ୍ୟ ମହାଗ୍ୟାଂନୀ
କେବଣ ପାତକେ ଦୂଷିତ ହୋଇଲେ ଅଗ୍ନିକାର ମୁନି । ୧୫୭ ।
ବ୍ୟାସେ ବୋଇଲେ ବାବୁ ଶୁଣ ପଣ୍ଡୁ ନୃପ
ସତ୍ୟ ଯୁଗର ବାରତା ତୋତେ କହିବଇଂ ସରୂପ । ୧୫୮ ।
ଶୁଣ ସାବଧାନେ ହୋ ଅପାର କାଳର କଥା
କର୍ମ କଳ୍ପ ନାମ ସତ୍ୟ ଯୁଗର ବାରତା । ୧୫୯ ।
କୁଶ ଦୀପର ରାଜା ଯେ ଅନଙ୍ଗସେନ ନୃପତି
ତାହାର ଭାରିଯା ନାମ ଅଟଇ ରତ୍ନାବତୀ । ୧୬୦ ।
ରାଜା ହୋଇଣ ସେ ଅଟଇ ମହାଗ୍ୟାଂତା
ଜିତ ଇନ୍ଦ୍ରିୟ ପଣେ ସାଧନ ତାର ୟେକଇ ବନିତା । ୧୬୧ ।

---------------

୧୫୧ ।             ବ୍ରହ୍ମହତ୍ୟା ଦୋଷ ଯେ ଲାଗିଲା ମୋର କାୟେ । (ପା)
୧୫୬ ।୨ଅଗ୍ନିକା ଋଷି ଅର୍ଜିଲା ଯେତେ କୃତ୍ୟ । (ପା)
୧୫୮ ।୨ସତ୍ୟଯୁଗ ବାରତା ତୋତେ କହିବା ସନ୍ଦେହ । (ପା)
୧୫୬ ।୧କିରତି-କୃତି-କର୍ମ

ସ୍ୱାମୀ ଅପାର କଲା ସେ ଯତସତ କ୍ରିୟା
ଅନୁରାଧା ନକ୍ଷତ୍ରେ ଜାତ ତାର ପ୍ରିୟା । ୧୬୨ ।
ଯାହାର ନକ୍ଷତ୍ର ଅଟଇ ଅନୁରାଧା
ସ୍ତିରୀ ହୋଇଲେ ଦୋଚାରୀ କାମରେ ଶରଧା । ୧୬୩ ।
ପୁରୁଷ ହୋଇଣ ସେ ତେଜଇ ସର୍ବ ଧର୍ମ
ଅଷ୍ଟ ନକ୍ଷତ୍ରେ ସେ ଅଟଇ କଳାକାମ । ୧୬୪ ।
ଅଶ୍ୱିନୀ ରୋହିଣୀ ପୁଷ୍ୟା ଅନୁରାଧା
ସ୍ୱାତୀ ଶ୍ରବଣା ଶତଭିଷା ରେବତୀ କାମବାଧା । ୧୬୫ ।
ଅଷ୍ଟ ନକ୍ଷତ୍ରେ ଯେବେ ଉପୁଜଇ ସ୍ତିରୀ
ଅନୁବ୍ରତେ କାମ ବାଧା ସେ ଅଟଇ ଦୋଚାରୀ । ୧୬୬ ।
ଯେ ଅଷ୍ଟ ନକ୍ଷତ୍ରେ ଯେବେ ଉପୁଜଇ ପୁରୁଷ ସ୍ତିରୀ
ଅନୁବ୍ରତେ କାମ ବାଇ ହୁଅନ୍ତି ଅନ୍ୟାଚାରୀ । ୧୬୭ ।
ସେ କୁଶ ଦୀପର ରାଜା ଅଟଇ ସତ୍ୟବାଦୀ
ଭାରିଯା ପରଦାରେଣୀ ସେ ରାଜ୍ୟେଣ ପରସିଦ୍ଧି । ୧୬୮ ।
ସକଳ ତପ ଧର୍ମ ସେ ନ ଛାଡଇ ରାୟେ
ଜିତ ଇନ୍ଦ୍ରିୟ ପଦ ତାର ଯେକା ଭାରିଯାୟେ । ୧୬୯ ।
ଆବର ପ୍ରଦାନ ସେ ନୋହଇ ଦଣ୍ଡଧାରୀ
ଯେକା ଭାରିଯାୟେ ତାହାର ସେହି ସେ ମନୋହାରୀ । ୧୭୦ ।
ଭାରିଯାକୁ ତିଆରି ସେ ଭଟ୍ଟ ମିଶ୍ରନ୍ତ ବସାଇ
ପରଦାରା ଦୋଷେ ସ୍ତିରୀଙ୍କି ମୁକତି ଗତି ନାହିଂ । ୧୭୧ ।
ଶୁଣିମା ପରିଯନ୍ତେ ସେ ଘେନିଥାଇ ହୃଦେ
ରାଜା ଅନ୍ତର ହୋଇଲେ ସେ ଚଳଇ କାମ ଖେଦେ । ୧୭୨ ।

------------

୧୬୨ ।୧ଅପାର କାଳର ସେ ଯତସତ କ୍ରିୟା । (ପା)
୧୬୬     ଯେ ଅଷ୍ଟ ନକ୍ଷତ୍ରେ ଯେ ଅଟଇ ପୁଷ୍ପବତୀ ।
         ଅନୁବ୍ରତେ କାମକାରୀ ସେ ଅଟଇ ଯୁବତୀ । (ପା)
୧୬୭     ଯେ ଅଷ୍ଟ ନକ୍ଷତ୍ରେ ଯେବେ ଅଟଇ ସ୍ତିରୀ ପୁରୁଷ ।
         ଅନୁବ୍ରତେ କାମକାରୀ ଦୋଚାରୀ ଅବଶ୍ୟ । (ପା)
୧୬୯ ।୨ଯତିଇନ୍ଦ୍ର ପଣେ ତାର ଯେକଇ ବନିତାୟେ । (ପା)
୧୭୨ ।୨ରାଜା ଅନ୍ତର ହୋଇଲେ ସେ ଚଳଇ କାମ ସଧେ । (ପା)

ଅନେକ ବାଗେ ନୃପତି ତିଆରଇ ଦିବାରାତ୍ରେ
ପୁରାଣ ବାକ୍ୟ ଶୁଣାଇଲା ଦ୍ୱାଦଶ ବରଷ ପରିଯନ୍ତେ । ୧୭୩ ।
ଯେ ସେ ପାପ ଆଚରଇ ଅଟେ ମନ୍ଦ ଜାତି
କେବେହେଂ ସେ ନ ଛାଡିଲା  ଅନୀତି ପ୍ରକୃତି । ୧୭୪ ।
ଅନେକ ଭୋଗ ଦେଇଣ ଯତନେ ପ୍ରତିପାଳି
ପରଦାରାଙଂ ଆନେ ନ ରସେ ଜଞ୍ଜାଳୀ । ୧୭୫ ।
ମକର ସଂକ୍ରାନ୍ତିକି ଗଲେ ସମୋଦ୍ର ସ୍ରାହାନେ
ଅଗ୍ନିକାର ଋଷିଙ୍କି ଦେଖିଲେ ଘୋର ବନେ । ୧୭୬ ।

ସଂଗେଣ ଅଛଇ ତାର ଅନେକ ପୋଇଲି
ଝଡା ବାକୁଟିଆଣି ଚାଙ୍ଗଡାୟିତ ମୁଦୁସୁଲୀ । ୧୭୭ ।
ଶୁଣ ହୋ ମହାରାଜ ସ୍ତିରୀଙ୍କର ପ୍ରକୃତି
ସେ ରଷିଙ୍କି କୋଳ କରି ଧଇଲା ଯାଇ ଝାତି । ୧୭୮ ।
ଦଣ୍ଡ କମଣ୍ଡଳ ମୁନିଙ୍କର ପକାଇଲା ଉଛୁଡି
ଆକ୍ରେଷି କୋଳ କରି ଧଇଲା ଭୁଜରେ ଭୁଜ ଭିଡି । ୧୭୯ ।
ବୋଲଇ ଶିଂଶୁପା ଗଛ ତଳକୁ ଆସ ଯତି
ମୁଇଂ ରାଜକନ୍ୟା ମୋତେ ଦିଅସି ସୁରତି । ୧୮୦ ।
ଅପାର ସ୍ତିରୀ ଅଛନ୍ତି ସେ ପୁରୁଷ ଅଟଇ ଯେକା
ଦେଖିଣ ବ୍ରହ୍ମରଷି ହୋଇଲେ ତାଟକା । ୧୮୧ ।
କୋପେଣ ମହାତମା ଛଡାଇ ଦେଲେ ପେଲି
ବିସ୍ମୟେ ହୋଇଣ ମୁନି ନାରାୟଣ ନାରାୟଣ ବୋଲି । ୧୮୨ ।
ମୁଖେ ଚୁମ୍ବନ ଦେଇଣ ବୋଲଇ ଶତଶ୍ରିୟା
ବୁକୁ ଶୀତଳାଇ ଖାଇଲେ ଗଳା କୁଣ୍ଡିଆଉ କିରେ ଯତିୟା । ୧୮୩ ।
ଯଦ୍ୟପି ବିପ୍ର ତୁ ଅଟୁସି ଯୁଗତେ
ସୁଲଭ ଭୋଜନ ଦେଖିଲେ ପଳାଉ କେମନ୍ତେ । ୧୮୪ ।
-----------
୧୭୫ ।୨ପର ଦାରାରୁ ଆନ ସେ ନ ଜାଣଇଂ ଜଞ୍ଜାଳୀ । । (ପା)
୧୮୩ ।୨ବୁକୁ ପଣନ୍ତ କାଢି କୁଣ୍ଡି ଅଇତ ହିୟା । (ପା)
ବୁକୁର ବସ୍ତ୍ର କାଢି ଆଉଜାନ୍ତି ହିୟା । (ପା)

ମୁହିଂ ରାଜାର ଭାରିଯା ରାଜାର କୁମାରୀ
ମୋହୋର ଅଙ୍ଗ ଲାଗି ପାତକ ଗଲାନି ତୋହୋରି । ୧୮୫ ।
କିଛିହିଂ ନ ବୋଲି ଚଳି ନ ପାରନ୍ତି ଅଗ୍ନିକାର
ଉଚ୍ଚେ ଡାକ ଦିଲା ହୋ ଅନଙ୍ଗସେନ ପ୍ରତିକାର କର । ୧୮୬ ।
ଶବଦଭେଦୀ ସେ ଯେ ଅନଙ୍ଗସେନ ରାୟେ
ପାଦୁକା ମନ୍ତ୍ର ମୌଷଧୀ ଜାଣଇ ସେ ମିଳିଲା ଅନ୍ତର୍ଦ୍ଧାୟେ । ୧୮୭ । light speed
ଦେଖିଲା ମହରଷିଙ୍କି ଧରିଅଛି ଆପଣାର ରାଣୀ
ଦେଖିଣ ରାଗେ ଅଧର ଯେ କଂପାଇଲା ନୃପମଣି । ୧୮୮ ।
ମହରଷି ବୋଲନ୍ତି ୟେ କେବଣ ରାକ୍ଷସୀ
ତୋହୋର ଥାଆନ୍ତେ ୟେ ମୋତେ କଟାଳ କରଇ ଆସି । ୧୮୯ ।
କୋପେଣ ରାଣୀର କେଶ ଧଇଲା ନୃପମଣି
ବିଜେ କର୍ଣ୍ଣକଟାରୀ ଘେନି ପକାଇଲା ହାଣି । ୧୯୦ ।
ମହରଷି ଗଲେ ତହୁଂ ମହୋଦଧି ସ୍ନାହାନେ
ବିଜେ କଲେ ନରପତି ଆପଣା ଭୁବନେ । ୧୯୧ ।
ଯମ ଧର୍ମ ପୁରାଣେ ବିଚାର ହୋଇଲା
ଯମ ବୋଇଲା ରାଜା ସ୍ତିରୀ ହତ୍ୟା କଲା । ୧୯୨ ।
ଅନୁଆଗ୍ୟାଂ ହୋଇଲେ ୟେ ଅଗ୍ନିକାର ମହରଷି
ତାହାର ଡାକ ଦିଲେ ରାଜା ହୋଇଲାକ ଆସି । ୧୯୩ ।
---------
୧୮୫ ।୨ମୋହୋର ଅଙ୍ଗଲାଗି ପାତକ ଗଲାନି ତୋହୋରି । ପାଦାନ୍ତ ପରେ ପାଠାନ୍ତର-
ଲଜ୍ୟାଭାବ ଛାଡି ତୁ ମୋହୋର ସଂଗେ ଯାସି
କିଛି ହିଂ ନ କହି ପାରଇ ଅଗ୍ନିକାର ମହରଷି ।
ଉର୍ଦ୍ଧେଣ ଡାକ ଦିଲା ଅନଙ୍ଗସେନ ତ୍ରାହି କର
ଶବଦ ଭେଦୀ ସେ ଅନଙ୍ଗସେନ ନୃପବର । ।

ପାଦୁକା ମନ୍ତ୍ର ମହୋଷଧି ସେ ଗୁଣିଲା ଅନ୍ତର୍ଦ୍ଧାନେ
ଧାତିକାରେ ମିଳିଲା ସେ ମୁନିଙ୍କର ସନ୍ନିଧ୍ୟାନେ ।
୧୯୨ ।୨ଅନଙ୍ଗସେନ ରାଜା ସ୍ତିରୀ ହତ୍ୟାରେ କାରେଣୀ ହୋଇଲା । (ପା)
୧୯୩ ।୧ଅନୁଆଗ୍ୟାଂ ହୋଇଲେ-ଅନୁରୋଧ କଲେ (ଅନୁଜ୍ଞା)

ଯମ ବିଚାରେଣ ରାଜା ମହରଷି
ୟେ ଦୁହେଂ ହୋଇଲେ ଯେ ସ୍ତିରୀ ହତ୍ୟା ଦୋଷୀ । ୧୯୪ ।
ଯମ ଧର୍ମ ପୁରାଣେ ପୁଣ ବିଚାର ହୋଇଲା
ରାଜା ମହରଷିଙ୍କି ହତ୍ୟା ଦୋଷ ନ ଲାଗିଲା । ୧୯୫ ।
ଭାରିଯା ହୋଇ ଯେବେ ହୋଇଲା ପରଦାରାୟେଣୀ
ସ୍ୱାମୀ ଦଣ୍ଡିବ ନାହିଂ କି ? ଦୋଷ ପରିମାଣି । ୧୯୬ ।        IPC exceptions
ଯୁଗତେଣ ରାଜା ଆବର ସେ ତାହାର ପ୍ରିୟା
ଦୋଷକୁ ସେ ଶାସ୍ତି ଦିଲା ପାପ ନ ବୋଲିବା ତାହା । ୧୯୭
ଋଷି ତ୍ରାସ କଲେ ରାକ୍ଷାସୁଣୀ ପ୍ରାୟେ ମଣି
ତାହାର ଉପରେ ଦୋଷ ଗଲା ସେ ଅଟଇ ପରଦାରାୟେଣୀ । ୧୯୮ ।
ଋଷିଙ୍କି ଶୃଙ୍ଗାର ସେ କଳ୍ପିଲା ଅନୁକ୍ରମେ
ବନେଣ ଉପୁଜୁ ମୃଗୁଣୀ ରୂପ ଜନ୍ମେ । ୧୯୯ ।
ଅଗ୍ନିକାର ମହରଷିଙ୍କି ଯେବେ ଇଛିଲା ରତି କରି
ମୃଗୁଣୀ ରୂପେ ଋଷିଙ୍କର ହୋଉ ମନୋହାରୀ । ୨୦୦ ।
ଋଷିରେଣ ନାଶ ଯେବେ ହୋଇଲା ଯୁବତି
ୟେ କନ୍ୟା ଯୋଗେ ନାଶ ଯାଉ ଅଗ୍ନିକାର ମହାଯତି । ୨୦୧ ।
ମୃଗୁଣୀ ଋଷି ଦୁହିଙ୍କରି ଶୃଙ୍ଗାର ଯେ ସରି
ପଣ୍ଡୁ ରାଜାୟେ ୟେହାଙ୍କୁ ନାରାଜ ଘାତ କରି । ୨୦୨ ।
ସ୍ତିରୀହତ୍ୟା ପାତକ ଯେ ଅଗ୍ନିକା ମହାରଷିଙ୍କର ଥିଲା
ପଣ୍ଡୁଙ୍କର ନାରାଜ ଘାତେ ତାହାଙ୍କର ସମସ୍ତ କ୍ଷୟ ଗଲା । ୨୦୩ ।
ବ୍ୟାସେ କହିଲେ ତୁ ଶୁଣ ରାୟେ ପଣ୍ଡୁ
ଦେବତାଙ୍କର ସଞ୍ଚିତ ତୁ କିଂପାଇ ଧର୍ମ ଛାଡୁ । ୨୦୪ ।
ପଣ୍ଡୁ ବୋଇଲେ ମୋତେ କୋପେଣ ଶାପ ଦିଲା
ଶୃଙ୍ଗାର ବେଳେ ତୋତେ ଅକାଳ କାଣ୍ଡ ପଡୁ ରେ ବୋଇଲା । ୨୦୫ ।
ୟେସନେକ ବୋଲିଣ ଶାପ ଦିଲା ମୁକୁ
ବ୍ୟାସେ ବୋଇଲେ ବଡ ଦୁର୍ଭାର ଶାପ ଦିଲା ତୁକୁ । ୨୦୬ ।
ବ୍ୟାସେ ବୋଇଲେ ୟେ ହୋଇଲା ମହାକଷ୍ଟ
ତପି ଲୋକଙ୍କର ଶାପ କେବେହେଂ ନ ଲେଉଟ । ୨୦୭ ।
ବ୍ୟାସେ ତିଆରନ୍ତି ପଣ୍ଡୁଙ୍କୁ ୟେକାନ୍ତେ ବସାଇ
ବାବୁ ଦୁର୍ଭାସାଙ୍କର ମହାମନ୍ତ୍ର କୋଇନ୍ତାୟେ ଛନ୍ତି ପାଇ । ୨୦୮ ।
ବଧୂମାନଙ୍କୁ ତୁ ନ ଧରିବୁ ହିଂସାୟେ
ବାବୁ ସନ୍ତାନ ଉପୁଜାନ୍ତୁ ଯେଝାର ଉପାୟେ । ୨୦୯ ।
ବାବୁ ସ୍ତିରୀ ସେ ଅଟନ୍ତି ଅନେକ ବୁଦ୍ଧିମନ୍ତୀ
ଉପାୟେଣ କରି ହାଦେ ଜାତ ସେ କରନ୍ତି ସନ୍ତତି । ୨୧୦-୧୮୨୯ ।   women know how to get children
------------
୧୯୪     ଚିତ୍ର ଗୁପ୍ତେ ବୋଇଲେ ରାଜା ଅଗ୍ନିକା ମହାରଷି
ୟେ ଦୁହେଂ ହୋଇଲେ ସ୍ତିରୀ ହତ୍ୟା ଦୋଷୀ । (ପା)
୨୦୭     ବ୍ୟାସେ ବୋଇଲେ ୟେହି ସେ ବଡ କଷଟହିଂ ।
ତପିମାନଙ୍କର ଶାପ କେବେହେଂ ନ ମେଣ୍ଟଇ । (ପା)

ବ୍ୟାସେ ବୋଇଲେ ୟେହି ସେ ବଡ କଷ୍ଟ
ତପିମାନଙ୍କର ଶାପ କେବେହେଂ ନୋହି ଭ୍ରଷ୍ଟ । (ପା)୨୦୯ ।୨ ସନ୍ତାନ ଜାତ କରାନ୍ତୁ ଯେ ଯାହାର ମନୀଷା ।
(ପା)

****************